# Akashvani, Sambalpur

## SAMBALPURI NEWS BULLETIN

### 14 October 2024- 6.47- 6.52 am.

*********************************************

ଦୁର୍ଗାପୂଜା- ଦଶ୍‌ମୀ       ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଦୁର୍ଗତିନାଶିନୀ ଦୁର୍ଗାଙ୍କର୍ ପୂଜା ଗଲାକାଏଲ୍ ଶେଷ୍ ହେଇଥିବାର୍ ବେଲେ ଆଏଜ୍ ମୃଣ୍ମୟୀ ମୂର୍ତିମାନ୍‌କର୍ ବିସର୍ଜନ୍ କରାଯିବା । ଇଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ବ୍ୟାପକ ବ୍ୟବସ୍ଥା କରାଯାଇଛେ । ଦଶ୍‌ରା ମାସର୍ ପୁଓଜିଉଁତିଆ ଦିନୁ ପୂଜା ମୁଲ୍ ହେଇଥିବାର୍ ବେଲେ ଷୋଡ଼ଶ ଉପଚାର୍‌ଥି ମା'ଙ୍କର୍ ପୂଚାର୍ଚ୍ଚନା କରାଯାଇଥିଲା ।

ସେଆଡ଼େ ଗଲାକାଏଲ୍ ଭିନ୍ ଭିନ୍ ଜାଗା ମାନ୍‌କେ ରାବଣପୁଡ଼ି ହେଇଯାଇଛେ । ସମ୍ବଲ୍‌ପୁର୍ ମହାନଦୀର୍ ଦଲେଇପଡ଼ା ଘାଟ୍ ନ ହେଇଥିବା ରାବଣ୍‌ପୁଡ଼ି ଉତ୍ସବ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ସମ୍ବଲପୁର ବିଧାୟକ୍ ଜୟନାରାୟଣ୍ ମିଶ୍ର ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସେଆଡ଼େ ମନ୍ଦଲିଆ ପଡ଼ିଆ ନ ଭିଲ୍ ରାବଣ୍ପୁଡ଼ି ଉସ୍ଵବ୍ ହେଇଥିଲା ।

ସେନ୍ତା ଝାର୍ସୁଗୁଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ରାବଣ୍ପୁଡ଼ି ଉସ୍ଵବ୍ ମହାସମାରୋହଥି ପାଲିତ୍ ହେଇଯାଇଛେ । ଝାର୍ସୁଗୁଡ଼ା ସହର୍ର ମନ୍ମୋହନ୍ ସ୍କୁଲ୍ ପଡ଼ିଆ, ସର୍ବାହାଲ୍ ସ୍କୁଲ୍ ପଡ଼ିଆ, ବ୍ରଜରାଜନଗର୍ର ଗାନ୍ଧୀଛକ୍, ବେଲ୍ପାହାଡ଼୍ ଇଲାକା ନ ରାବଣ୍ପୁଡ଼ି ଉସ୍ଵବ୍ ହେଇଯାଇଛେ । ସେନ୍ତା କୁଲାବିରା, ଫଂଚ୍ପଡ଼ା ସହେତେ ଭିନ୍ ଭିନ୍ ଇଲାକା ନ ବଏଲ୍ ଯାତ୍ରା ଭିଲ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍- ରାବଣ୍ପୁଡ଼ି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବିଜୟା ଦଶ୍ମୀ ଅବ୍ସରେ ଗଲାକାଏଲ୍ ରାବଣ୍ପୁଡ଼ି ଉସ୍ଵବ୍ ହେଇଯାଇଛେ । ସୋନ୍ପୁର୍ର ରୟାଲ୍ ପଡ଼ିଆ ନ ବ୍ଲକ୍ଛକ ଦୁର୍ଗାପୂଜା କମିଟି ତର୍ଫୁ ହେଇଥିବା ରାବଣପୁଡ଼ି ଉସ୍ଵବ୍ଥି ହାଇକୋର୍ଟର ଆଘର୍ ବିଚାର୍ପତି ଜଷ୍ଟିସ୍ ଚିତରଞ୍ଜନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ସତ୍ୟର୍ ବିଜୟର୍ କଥାକେ ମନେ ପକେଇକରି ଗୁଟେ ସୁସ୍ଥ ସମାଜ୍ ଗଠନ୍

ସମସ୍ତଙ୍କର୍ ସଂକଳ୍ପ ହେଉ ବଲି କହିଥିଲେ । ଇ ଅବ୍ସରେ ହେଇଥିବା ରଙ୍ଗବେରଙ୍ଗର ଆତସବାଜି ଆର୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଦେଖିବାର୍ ଲାଗି ବହୁତ୍ଟେ ଲୁକ୍କର୍ ଭିଡ଼୍ ହେଇଥିଲା ।

କାର୍ତିକ ନୀତି -ପୁରୀ ଶ୍ରୀମନ୍ଦିର୍ ଆର୍ଏନ୍ୟୁ/ କଟକ୍

ଆଏଜ୍ ଦଶ୍ରା ମାସର୍ ଉଜଲ୍ ପଖର୍ ଏକାଦଶୀ ତିଥି । ହେଲେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ କାର୍ତିକ ନୀତି ମୁଲ୍ ହେଉଛେ । ଇ ଅବ୍ସରେ ଶ୍ରୀବିଗ୍ରହମାନ୍କୁ ରାଧାଦାମୋଦର ବେଶ କରାଯିବା । ମାହାପୁରୁମାନ୍କର୍ ରାଧାଦାମୋଦର ବେଶ ମାସେତକ୍ ଫିଁ' ଦିନ ହେବା । ହେଲେ କାର୍ତିକ୍ ନୀତିର୍ ପଂଚ୍କ ସମିଆଥି ମାହାପୁରୁମାନ୍କର୍ ସ୍ୱତନ୍ତ୍ର ବେଶ ହେବା । କାର୍ତିକ୍ ନୀତି ଅବ୍ସରେ ଫିଁ' ଦିନ ପହପହ ୪ ବଜୁ ଦ୍ୱାରଫିଟା ନୀତି ହେଇକରି ରାତି ୧୨ ବଜେ ରାତ୍ରପହୁଡ଼ ନୀତି କରାଯିବା । କାର୍ତିକ୍ ବ୍ରତର୍ ଲାଗି ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଳିମାନ୍କର୍ ଲାଗି ସବୁପ୍ରକାରର୍ ସୁବିଧା କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ଦୁର୍ଗାପୂଜା ଭସାଣି ଆର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଥିବାର୍‌ନୁ ଆଏଜ୍ ଜନଶୁଣାଣି ନାଇଁ ହୁଏ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ ।

+୨ ୩ ନମ୍ବର୍ ଖେପ୍ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ଦୁଇ ୩ ନମ୍ବର୍ ଖେପ୍ ନାଁଲେଖା ଲାଗି ଆଏବା ୨୨ ତାରିଖ୍‌ନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍‌ଥି ୨୭ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ । ନଭେମ୍ବର୍ ୧ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା । ବଛାଯାଇଥିବା ଶିକ୍ଷାର୍ଥୀମାନେ ୨ ନୁ ୫ ତାରିଖ୍ ଭିତ୍‌ରେ ନାଁ ଲେଖେଇ ପାର୍‌ବେ ବଲି ସୂଚ୍‌ନା ମିଲିଛେ ।

ମାହାଲିଆ ମହାପ୍ରସାଦ୍ କୁଡୁଆ ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଭକ୍ତମାନ୍‌କୁ ମାହାଲିଆ ମହାପ୍ରସାଦ୍ କୁଡୁଆ ମିଲ୍‌ବା ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଇ ଯୋଜ୍‌ନା ମୁଲ୍ କର୍‌ବେ । ରାଜ୍ୟ ଆଉ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନ୍‌କୁ ମହାପ୍ରସାଦ୍ କୁଡୁଆ ଦିଆଯିବା । ଇଥିର୍‌ଲାଗି ପ୍ରସ୍ତୁତି ମୁଲ୍ ହେଇଛେ ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ବିଶ୍ୱ ହାତଧୁଆ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ଉଚ୍ଚ ପ୍ରାଥମିକ ଆର୍ ମାଧ୍ୟମିକ ବିଦ୍ୟାଲୟ ନ ଇ ବଛର୍ ବିଶ୍ୱ ହାତଧୁଆ ଦିବସ୍ ପାଲନ୍ କରାଯିବା । ଆଏବା କାଏଲ୍‌ନୁ ନଭେମ୍ବର୍ ୧୪ ତାରିଖ୍‌ତକ୍ ବିଦ୍ୟାଲୟ ମାନ୍‌କେ ଫି’ ଦିନ୍ ଛାତ୍ରଛାତ୍ରୀମାନେ ହାତଧୁଆ ଅଭ୍ୟାସ୍ କର୍‌ବେ । ମଧ୍ୟାହ୍ନ ଭୋଜନ୍ କର୍‌ବାର୍ ଆଘୋନୁ ଆର୍ ଶୌଚାଳୟ ବେଭାର୍ ଉତ୍‌ରୁ ଠିକ୍ ଭାବେ ହାତ୍ ଧୁଇବାର୍ ଲାଗି ପିଲାମାନ୍‌କୁ ଶିକ୍ଷା ଦିଆଯିବା । ଇ ବାବ୍‌ଦେ ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ । ଇ ଦିବସ୍‌ର ବାର୍ତ୍ତା ରହିଛେ ‘କାଁହେଲାଯେ ସଫା ହାତ୍ ଦର୍‌କାର୍ ଆଏ’ ।

ବନ୍ୟଜନ୍ତୁ ଅଭୟାରଣ୍ୟ-ଜନବସତି ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ବନ୍ୟଜନ୍ତୁ ଅଭୟାରଣ୍ୟର୍ ସଂରକ୍ଷିତ ଇଲାକା ନ ୭ ଶହ ୫୬ ଟା ଗାଁଥି ଲୋକ୍ ରହୁଛନ୍ ବଲି ଜଙ୍ଗଲ୍ ବିଭାଗ୍ର ବନ୍ୟପ୍ରାଣୀ ଶାଖା ତର୍ଫୁ ବାହାରିଥିବା ରିପୋର୍ଟନୁ ଜନାପଡ଼ିଛେ । ରିପୋର୍ଟ ଅନ୍ସାରେ ଓଡ଼ିଶା ନ ୧୯ ଟା ବନ୍ୟଜନ୍ତୁ ଅଭୟାରଣ୍ୟ ଅଛେ । ସେଥିର୍ଭିତ୍ରୁ ୧୪ ଟା ଅଭୟାରଣ୍ୟ ନ ଜନବସତି ବା କେତେ ଛୋଟ୍ ବଡ଼ ଗାଁ ରହିଛେ । କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକା ଅଭୟାରଣ୍ୟ ନ ସବୁନୁ ଅଏତ୍କା ୩ ଶହ ୫୮ ଟା ଗାଁ ଅଛେ । ନୂଆପଡ଼ା ପ୍ରସ୍ତାବିତ ବ୍ୟାଘ୍ର ସଂରକ୍ଷଣ୍ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତ୍ରେ ୨୬ଟା ଗାଁ ଥିବାର୍ ବେଲେ ସମ୍ବଲ୍ପୁର୍ ପାଖର୍ ବଡ଼ରମା - ଉଷାକୋଠୀ ନ ୨୭ ଟା ଆର୍ କଲାହାଣ୍ଡି ଜିଲ୍ଲାର୍ କର୍ଲାପାଟ୍ ନ ୧୯ ଟା ଗାଁ ରହିଛେ ।

ମୌସୁମୀ ଆର୍ଏନ୍ୟୁ/ କଟକ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବାକାଏଲ୍ତକ୍ ଓଡ଼ିଶାନୁ ଫିର୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ପାଣିପାଗ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଇ ବଛର୍ ସ୍ୱାଭାବିକ୍ ସମିଆର୍ ୪ ଦିନ୍ ଆଘୋନୁ ମୌସୁମୀ ଓଡ଼ିଶା ପୁହୁଁଚିଥିଲା । ମୌସୁମୀ ଋତୁଥି ଜୁନ୍ ୧ ତାରିଖ୍ନୁ ସେପ୍ଟେମ୍ବର୍ ମାସର୍ ଶେଷ୍ତକ୍ ୧୧ ଟା ଲଘୁଚାପ୍ ହେଇଥିଲା । ଇତାର୍ ପ୍ରଭାବ୍ଥି ରାଏଜେ ୧ ହଜାର୍ ୯୨ ମିଲିମିଟର୍ ବର୍ଷା ହେଇଥିବାର୍ ରେକର୍ଡ଼ କରାଯାଇଛେ । ଯେନ୍ଟାକି ସ୍ୱାଭାବିକ୍ ବର୍ଷାନୁ ୫ ପ୍ରତିଶତ୍ କମ୍ ଆଏ ।